


# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ଜାନୁୟାରୀ-୨୦୨୧ JANUARY - 2021


# ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଗଜ ଉଦ୍ଧାରଣ ବେଶ

ଏକଦା କ୍ଷୀରସାଗର ଦ୍ୱାରା ପରିବେଷ୍ଟିତ ତ୍ରିକୂଟ ପର୍ବତ ଅନ୍ତର୍ଗତ ବରୁଣ ହ୍ରଦରେ ଗଜରାଜ ସ୍ନାନ କରୁଥିବା ସମୟରେ ସେହି ହ୍ରଦରେ ବାସ କରୁଥିବା ଗୋଟିଏ ଭୀଷଣାକୃତି କୁମ୍ଭୀର ତାକୁ ଆକ୍ରମଣ କଲା । ଗଜେନ୍ଦ୍ର ଅତ୍ୟନ୍ତ ବଳଶାଳୀ ହୋଇଥିଲେ ମଧ୍ୟ କୁମ୍ଭୀରର ବିକଟ ଦନ୍ତ ମଧ୍ୟରୁ ନିଜର ପାଦକୁ ବାହାର କରିବାକୁ ସମର୍ଥ ହୋଇପାରିଲା ନାହିଁ । ହସ୍ତିନୀମାନେ ବହୁ ପ୍ରୟାସ କରି ମଧ୍ୟ ବିଫଳ ହେଲେ । ଗଭୀର ଜଳରେ କୁମ୍ଭୀର ଅତି ବଳିୟାର ହୋଇ ଗଜକୁ ଗଭୀର ଜଳ ମଧ୍ୟକୁ ଟାଣିବାକୁ ଚେଷ୍ଟା କଲା । ସହସ୍ରବର୍ଷ ପର୍ଯ୍ୟନ୍ତ ଗଜ କୁମ୍ଭୀର ଯୁଦ୍ଧ ଚାଲିଲା, ମାତ୍ର ଯୁଦ୍ଧର ଅବସାନ ହେଲା ନାହିଁ । ବେଳୁ ବେଳ ଦୁଃଖ ବଢ଼ିବାକୁ ଲାଗିଲା । ପରିଶେଷରେ ଗଜରାଜର ପୂର୍ବଜନ୍ମର ସ୍ମୃତି ଉଦିତ ହେଲା । ଗଜରାଜ ଚିନ୍ତା କଲା ଯେ, ଏହି ବିଷମ ପରିସ୍ଥିତିରେ ବିପଦଭଞ୍ଜନ ଭଗବାନଙ୍କ ବିନା ତା'ର ଅନ୍ୟ ଗତି ନାହିଁ । ଏଣୁ ଘୋର ବିପତ୍ତିରୁ ମୁକ୍ତି ପାଇବା ନିମନ୍ତେ ଅତ୍ୟନ୍ତ ବ୍ୟାକୁଳ ହୋଇ ସେ ସକଳାର୍ତ୍ତିନାଶନ ଶ୍ରୀହରିଙ୍କୁ ସ୍ତୁତି କରିବାକୁ ଲାଗିଲା ।



ଯେ ଏ ସଂସାର ମାୟା ବଳେ । ଆତ୍ମାରୁ କଳ୍ପଇ ନିଷ୍ଫଳେ ॥
ପ୍ରକାଶ କରି ତିରୋହିତ । କରଇ ଉର୍ଣ୍ଣନାଭିବତ ॥
ମଧ୍ୟେ ଦେଖଇ ସାକ୍ଷୀରୂପେ । କ୍ରୀଡ଼ା କରଇ କଳ୍ପେ କଳ୍ପେ ॥
ସେ ହରି ରଖୁ ମୋର ପ୍ରାଣ । ତା ପାଦେ ପଶିଲି ଶରଣ ॥

ଗଜେନ୍ଦ୍ରର ଆକୁଳ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଭଗବାନ ଶ୍ରୀହରି ଗରୁଡ଼ ପୃଷ୍ଠରେ ଉପବେଶନ କରି ହ୍ରଦ ନିକଟରେ ପହଞ୍ଚିଲେ । ଶ୍ରୀହରିଙ୍କୁ ଗରୁଡ଼ ପୃଷ୍ଠରେ ଦର୍ଶନ କରି ସଜଳନେତ୍ରରେ ଗଜରାଜ ସେହି ହ୍ରଦରୁ ଗୋଟିଏ ପଦ୍ମ ଫୁଲ ଶୁଣ୍ଢରେ ତୋଳିଧରି ସ୍ୱାଗତ ଜଣାଇଲା । ଭଗବାନ ଗଜର ଆର୍ତ୍ତି ଦେଖି ଗରୁଡ଼ ପୃଷ୍ଠରୁ ଓହ୍ଲାଇ ତତ୍‌କ୍ଷଣାତ୍ ଜଳରେ ପ୍ରବେଶ କରି ଚକ୍ର ଦ୍ୱାରା କୁମ୍ଭୀରର ମସ୍ତକ ଛେଦନ ପୂର୍ବକ ଗଜରାଜକୁ ଉଦ୍ଧାର କଲେ ।

ଶ୍ରୀମଦ୍ ଭାଗବତ ବର୍ଣ୍ଣିତ ଏହି କଥାବସ୍ତୁର ସ୍ମୃତିରେ ପ୍ରତିବର୍ଷ ମାଘପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଅତ୍ୟନ୍ତ ମନୋରମ 'ଗଜ ଉଦ୍ଧାରଣ ବେଶ' ଅନୁଷ୍ଠିତ ହୋଇଥାଏ । ଏହିଦିନ ଠାକୁରମାନଙ୍କର ମଧ୍ୟାହ୍ନଧୂପ ସରି ମୈଲମ ହେବା ପରେ ସର୍ବାଙ୍ଗ ହୋଇଥାଏ । ମହାଲକ୍ଷ୍ମୀ ଦକ୍ଷିଣ ଘରକୁ ହାତରେ ବିଜେ ହୋଇ ଆସି ଖଟଶେଯ ଉପରେ ବସିଲେ ତିନି ବାଡ଼ରେ ଗଜ ଉଦ୍ଧାରଣ ବେଶ ଆରମ୍ଭ ହୋଇଥାଏ । ଗଜ ଉଦ୍ଧାରଣ ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଉଭୟ ଚତୁର୍ଭୁଜ ରୂପ ଧାରଣ କରନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଚାରି ଭୁଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭା ପାଉଥିବା ବେଳେ, ଶ୍ରୀବଳଭଦ୍ର ଚାରିଭୁଜରେ ଶଙ୍ଖ, ଚକ୍ର, ହଳ ଓ ମୂଷଳ ଧାରଣ କରି ବାସୁଦେବ ରୂପରେ ବିରାଜମାନ କରିଥାନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁ ଗରୁଡ଼ ପୃଷ୍ଠରେ ବସିବା ଭଙ୍ଗୀରେ ରହନ୍ତି ଏବଂ ତାଙ୍କ କୋଳରେ ମହାଲକ୍ଷ୍ମୀ (ଶ୍ରୀଦେବୀ) ବିରାଜମାନ କରିଥାନ୍ତି । ଦେବୀ ସୁଭଦ୍ରା ଛନ୍ଦାଚରଣରେ ଉଭାହୋଇ ହସ୍ତରେ ଗୋଟିଏ ପଦ୍ମ ଫୁଲ ଧାରଣ କରିଥାନ୍ତି । ସିଂହାସନ ତଳେ ଦୁଇଟି ଗଜ ଶୁଣ୍ଢରେ ପଦ୍ମ କଳିକା ଧରି ଅବସ୍ଥାନ କରିଥାନ୍ତି । ଗଜର ଶରୀରକୁ ଆକ୍ରାନ୍ତ କଲା ଭଙ୍ଗୀରେ କୁମ୍ଭୀର ମୂର୍ତ୍ତି ମଧ୍ୟ ରହିଥାଏ । ଠାକୁରମାନଙ୍କର ଗଜ ଉଦ୍ଧାରଣ ବେଶ ସମାପ୍ତ ହେବା ପରେ କ୍ଷୀରି ଓ ଅମାଲୁ ଭୋଗ ହୋଇଥାଏ ।

କୁଶଳୀ କାରୀଗରମାନେ ଏହି ବେଶ ନିମନ୍ତେ ସୋଲ, ଜରି, ଜମ୍ଫୁରା, କନା, କଇଥ ଅଠା ଦ୍ୱାରା ବେଶ ସାମଗ୍ରୀଗୁଡ଼ିକୁ ଅନ୍ତତଃ ପନ୍ଦର ଦିନ ପୂର୍ବରୁ ଶ୍ରୀମନ୍ଦିର ପରିସରରେ (ନୀଳାଦ୍ରି ବିହାରରେ) ପ୍ରସ୍ତୁତ କରିଥାନ୍ତି । ଠାକୁରମାନଙ୍କର ଗଜ ଉଦ୍ଧାରଣ ବେଶ ସାମଗ୍ରୀଗୁଡ଼ିକ ହେଲା:- ଗଜ-୨, ଚୂଳ-୩, କିରୀଟ-୩, ପେଟ-୩, ଶ୍ରୀପୟର- ୩ ହଳ, ଶ୍ରୀଭୁଜ-ଦେବୀ ସୁଭଦ୍ରା-୨, ଶ୍ରୀଜଗନ୍ନାଥ-୪, ଶ୍ରୀବଳଭଦ୍ର-୪, ଗରୁଡ଼-୧, ଗରୁଡ଼ ଭୁଜ ଓ ପୟର-୪, କୁମ୍ଭୀର-୧, ଶଙ୍ଖ-୨, ହଳ-୧, ମୂଷଳ-୧, ଗଦା-୨, ଚକ୍ର-୨, ଅଳକା-୩, କର୍ଣ୍ଣ କୁଣ୍ଡଳ-୩ହଳ, ଅଞ୍ଚାପଟି-୩ହଳ, ପା ପଦ୍ମ-୩ ହଳ, ପଦ୍ମଫୁଲ-୪, ହାତଫେର-୧୦, ନାକୁଆସୀ-୩, ସୂର୍ଯ୍ୟଚନ୍ଦ୍ର-୩ହଳ, କାନୋଟିଆ-୬, ପଦ୍ମକଢ଼ିମାଳ-୨, ସମୁଦ୍ର-୧, ଫେର-୨ ଓ ପଦ୍ମକଢ଼ି-୧ । ଅନେକ ଭକ୍ତ ମହାପ୍ରଭୁଙ୍କର ଏହି ଦିବ୍ୟ ବେଶ ଦର୍ଶନ କରିବା ଅବସରରେ ଗଜେନ୍ଦ୍ର ସ୍ତୁତି ପାଠ କରିଥାନ୍ତି । ଭକ୍ତି ଓ ଶ୍ରଦ୍ଧାର ସହିତ ଏହି ସ୍ତୋତ୍ରକୁ ପାଠକଲେ ଅଶେଷ ପାପକ୍ଷୟ ପୂର୍ବକ ଭକ୍ତଗଣ ସମସ୍ତ ଦୁଃଖ ଯନ୍ତ୍ରଣାରୁ ମୁକ୍ତିଲାଭ କରିଥାନ୍ତି ବୋଲି ବିଶ୍ୱାସ ରହିଛି ।

*ଡଃ. ନରେଶ ଚନ୍ଦ୍ର ଦାଶ- ପ୍ରାକ୍ତନ ଅଧ୍ୟକ୍ଷ, ଦଇତାପଡ଼ା ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା ଓ ନବାଙ୍କ ବେଶ :

ତା. ୧୩.୧.୨୧ ରିଖ ବୁଧବାର ଦିନ ପୌଷ ଅମାବାସ୍ୟା ତିଥିରେ ବକୁଳ ଅମାବାସ୍ୟା ନୀତି ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଦିନ ଆଳତି, ଅବକାଶ ବଢ଼ି ବେଶ ଲାଗିରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇ ବେଶ ବଢ଼ିଥିଲା । ପରେ ଗୋପାଳବଲ୍ଲଭ ସରି ସକାଳ ଧୂପ ଛେକ ଆସିବା ସହିତ ବଉଳ ଗଇଁଠା ତାଟ ସ୍ୱତନ୍ତ୍ର ଭାବେ ବଢ଼ା ଯାଇଥିଲା । ପରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପାଳିଆ ପୂଜାପଣ୍ଡା ୩ଜଣ ଷୋଡ଼ଶୋପଚାରରେ ଭୋଗ ସାରିଥିଲେ । ଭୋଗ ସରିଲା ପରେ ତାଟ ଥାଇ ମୁଦିରସ୍ତ, ପତିମହାପାତ୍ର, ପୂଜାପଣ୍ଡା ତିନି ବାଡ଼ରେ ବନ୍ଦାପନା କରିଥିଲେ । ପ୍ରସାଦ ବାହାରି ପାଣି ପଡ଼ିଲା ପରେ ଅମାବାସ୍ୟା ଦିଅଁ (ଶ୍ରୀନାରାୟଣ) ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିକୁ ବିଜେ କରି ସାଗର ବିଜେ ନୀତି ପାଇଁ ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ଅଭିମୁଖେ ଯାତ୍ରା କରିଥିଲେ ।



ଏହି ଦିନ ଅର୍ଥାତ୍ ମକର ସଂକ୍ରାନ୍ତି ପୂର୍ବଦିନ ନବାଙ୍କ ନୀତି ଶ୍ରୀମନ୍ଦିରରେ ପୂର୍ବ ରୀତିମତେ ସମ୍ପନ୍ନ ହୋଇଥିଲା । ନବାଙ୍କର ପୂର୍ବଦିନ ଦୁଧମେଲାଣ ଅନୁଷ୍ଠିତ ହୋଇଥିଲା । ଏହି ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ରାମକୃଷ୍ଣ ଆଜ୍ଞାମାଳ ପାଇ ଦୁଧମେଲାଣ ନିମନ୍ତେ ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ । ସେଠାରେ ମହାଭୋଇ ଗୋଦୋହନ କରି ଦୁଧଭାରମାନଙ୍କୁ ଘେନି ଶ୍ରୀମନ୍ଦିର ନାଟ ମନ୍ଦିର ସାମନାକୁ ବାହୁଡ଼ିଥିଲେ । ଏଠାରେ ପ୍ରସାଦ ଲାଗି ଓ ବନ୍ଦାପନା ପରେ ରାମକୃଷ୍ଣ ଦକ୍ଷିଣଘରକୁ ବାହୁଡ଼ିଥିଲେ ।

ସେହିପରି ନବାଙ୍କ ଦିନ ସନ୍ଧ୍ୟା ଆଳତି ବଢ଼ିଲା ପରେ ଝଉଳ ମେଲାଣ ନୀତି ଅନୁଷ୍ଠିତ ହୋଇଥିଲା । ଉକ୍ତ ନୀତି ନିମନ୍ତେ ସିଂହଦ୍ୱାର ଚକଡ଼ାରେ ପାହାଡ଼ା ପଡ଼ିବାରେ ବେରଭୋଇ ପ୍ରଧାନ ଧାନଘର ଠାରୁ ଝଉଳ ବିଜେ କରିଥିଲେ । ଏଠାରେ ପ୍ରଧାନ ଭୋଇ ବାଘମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳୀ ପଟୁଆରରେ ବଡ଼ ଦେଉଳକୁ ବେଢ଼ାଏ ବୁଲି ଝଉଳଭାରମାନଙ୍କୁ ଇନ୍ଦ୍ରାଣୀ ମନ୍ଦିର ବେଢ଼ାରେ ରଖିବାପରେ ଝଉଳ ମେଲାଣ ହୋଇଥିଲା ।

## ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି :

ତା. ୧୪.୧.୨୧ ରିଖ ଗୁରୁବାର ଦିନ ମକର ସଂକ୍ରାନ୍ତି ହେତୁ ଶ୍ରୀମନ୍ଦିରରେ ପୂର୍ବ ପରମ୍ପରା ପ୍ରକାରେ ନୀତିମାନ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥିଲା । ମଙ୍ଗଳଆଳତି, ଅବକାଶ ନୀତି ବଢ଼ିବା ପରେ ଫୁଟା ପହରଣ ଲାଗି ସହିତ ତ୍ରିମୁଣ୍ଡିରେ ମକର ଚୂଳ ଲାଗି ହୋଇ କର୍ପୂର ଲାଗି ପୂର୍ବକ ବେଶ ବଢ଼ିଥିଲା । ପରେ ପାଣିପଡି ଗୋପାଳବଲ୍ଲଭ, ସକାଳ ଧୂପ ସରିଥିଲା । ସକାଳ ଧୂପ ସରିଲା ପରେ ମୈଲମ ହୋଇ ଯାତ୍ରାଙ୍ଗି ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ନୂଆ ଲୁଗା ଏବଂ ଛଅମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ି ପାଣିପଡି ଗୋପାଳବଲ୍ଲଭ, ସକାଳଧୂପ ସରିଥିଲା । ସକାଳ ଧୂପ ସରିଲା ପରେ ମୈଲମ ହୋଇ ଯାତ୍ରାଙ୍ଗି ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ନୂଆ ଲୁଗା ଏବଂ ଛଅମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ି ପାଣିପଡି ରୋଷକୁ ମଧ୍ୟାହ୍ନ ଧୂପ ଡାକି ଯାଇଥିଲା । ଘଣ୍ଟଛତା କାହାଳୀ ପଟୁଆର ସହିତ ତଳିଛ ପ୍ରଧାନୀ ହାତପୈଠ ପୂର୍ବକ ଭୋଗ ଛାମୁକୁ ଆସିଥିଲା । ମୁଦିରସ୍ତ ପ୍ରସାଦଲାଗି କରିବା ପରେ ତିନିଜଣ ପାଳିଆ, ପୂଜାପଣ୍ଡା ଷୋଡଶ ଉପଚାରରେ ମଧ୍ୟାହ୍ନ ଧୂପ ପୂଜା ବସିଥିଲେ । ଟେରା ପଡ଼ିବା ପରେ ମହାପ୍ରଭୁଙ୍କ ବାଡ଼ର ପାଳିଆ ପୂଜାପଣ୍ଡା, ରୋଷପାଇକ, ପତ୍ରୀବଡୁ, ସୁଆରବଡୁ ବାହରକୁ ଆସି ଭିତର ବେଢ଼ାରେ ଅଷ୍ଟଦିଗବଳି ଦେଇଥିଲେ ଏବଂ ଭିତରକୁ ଯିବା ପରେ ଭୋଗ ସମାପନ ହୋଇଥିଲା । ଏହାପରେ ପାଣି ପଡି ଟେରା ବନ୍ଧାଯାଇ ପୂର୍ବଦିନରୁ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିବା ମକର ଭୋଗ ନିମନ୍ତେ ଡାକି ଯାଇଥିଲା । ସ୍ମରଣଯୋଗ୍ୟ, ପୂର୍ବରୁ ଶୁଦ୍ଧସୁଆର ଗୋଦାମରୁ ନଡିଆ, ଘିଅ, ମିଠା, ମସଲା ଓ ଦୁଧସର ନେଇ ମକର ଚାଉଳ ପ୍ରସ୍ତୁତ କରିଥିଲେ । ପରେ ପନ୍ତୀବଡୁମାନେ ବାଘମୁହାଁ ବାନ୍ଧି ସ୍ୱତନ୍ତ୍ର ପଟୁଆରରେ ମକର ଚାଉଳକୁ ୩ ବେଢ଼ା ବୁଲାଇ ଛାମୁରେ ରଖିଥିଲେ । ଏହାପରେ ମହାଭୋଇ ଦୁଧ, ଗୁଡିଆ ଶାକର, ହଡପ ନାୟକ ନଳିପାନ ଓ ଛାଚିପାନ ବେଢ଼ାକୁ ଯାଇ ଛାମୁରେ ରଖିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ପଞ୍ଚୋପଚାରରେ ଭୋଗ ସରିଥିଲା । ଭୋଗ ସରିଲାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ ।

## ଶ୍ରୀମନ୍ଦିରରେ ଦେବାଭିଷେକ ଓ ପୁଷ୍ୟାଭିଷେକ ପୂର୍ଣ୍ଣିମା :

ତା. ୨୮.୧.୨୧ ରିଖ ଗୁରୁବାର ଦିନ ପୌଷ ପୂର୍ଣ୍ଣମୀ ଅବସରରେ ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ବା ଦେବାଭିଷେକ ନୀତି ଯଥାରୀତି ଅନୁଷ୍ଠିତ ହୋଇଥିଲା । ପୂର୍ବଦିନ ରାତ୍ର ଚନ୍ଦନଲାଗି ବଢ଼ିଲା ପରେ ପୂର୍ବରୁ ଧୋ-ପଖାଳ ହୋଇ ରହିଥିବା ଭୋଗମଣ୍ଡପ ଘରେ ପର୍ବଯାତ୍ରା ଯୋଗାଣିଆ ରୋଷ କୂଅରୁ ପାଣି ଆଣି ୮୭ ଗରାରେ ଜଳ ଭର୍ତ୍ତି କରିବା ସହିତ ୨୧ ଗରାରେ ଘିଅ ରଖିଥିଲେ । ମୋଟ ୧୦୮ ଗରାକୁ ୪ ବାଡ଼ କରି ରଖିଲା ପରେ ଚେମେଡ଼ି ପତନି ଘୋଡ଼ାଇ ଫୁଲ ଚନ୍ଦନ ଦିଆଯାଇ ଅଧିବାସ ହୋଇଥିଲା । ପରେ ତଢ଼ାଉ କରଣ ଉକ୍ତ ଦୁଆରକୁ ମୁଦ ଦେଇଥିଲେ । ତା'ପରେ ବଡ଼ସିଂହାର ବେଶ ବଢ଼ି ଭୋଗ ସରିଲା ପରେ ମହାପ୍ରଭୁଙ୍କ ସାମ୍ନା କାନ୍ଥ ନିକଟରେ ଏକଗୋଟି ଭଦ୍ରାସନ ରଖାଯାଇ ଏହାର ଚତୁଃପାର୍ଶ୍ୱରେ ମାଯିବାଡ଼ ଦିଆଯାଇଥିଲା । ଭଦ୍ରାସନ ଉପରେ ପାହାଡ଼ା ପଡ଼ି ଦର୍ପଣ ଅଧିବାସ ହୋଇ ରାତ୍ର ପହୁଡ଼ ହୋଇଥିଲା । ପୂର୍ଣ୍ଣମୀ ଦିନ ଦୈନନ୍ଦିନ ନୀତି ପ୍ରକାରେ ସକାଳ ଧୂପ ପୂଜା ବସିବା ସମୟରେ ପ୍ରତିହାରୀ ନିଯୋଗ ସାମନାରେ ହୋମ ହୋଇଥିଲା । ଧୂପ ସରିଲାପରେ ମହାପ୍ରଭୁଙ୍କ ବାଡ଼ରେ ମୈଲମ ହୋଇ ମହାସ୍ନାନ ପୂଜା ଠା' ହୋଇ ଭୋଗମଣ୍ଡପ ଘରୁ ୪ ବାଡ଼ରେ ଜଳ ଗରାମାନ ଗରାବଡୁମାନଙ୍କ ଦ୍ୱାରା ବାଘମୁହାଁ ସହିତ ଘଣ୍ଟ, ଛତା, କାହାଳୀ ପଟୁଆରରେ ଛାମୁକୁ ଆସିଲା ପରେ, ଖଇକୋରା ଭୋଗ ସରି ଅଭିଷେକ ନୀତି ସମାପନ ହୋଇଥିଲା ଏବଂ ପାଣିପଡ଼ି ତିନି ବାଡ଼ରେ ଅଭିଷେକ ବେଶ ହୋଇଥିଲା । ପରେ ଘଣ୍ଟ, ଛତା, କାହାଳୀ ସହିତ ତଳିଛ, ପ୍ରଧାନୀ ହାତ ପୈଠରେ ଛେକ ଛାମୁକୁ ଆସିଲା ପରେ ମହାଲକ୍ଷ୍ମୀ ମାଜଣା ହୋଇ ଶ୍ରୀଅଙ୍ଗରେ ଲାଗି ହୋଇଥିଲେ । ଭିତରଛ ଦଣ୍ଡଛତ୍ର ଧରିଥିଲେ, ପାଳିଆ ମେକାପ ଛତ୍ରର ବେଣ୍ଟକୁ ଜାବୁଡ଼ି ଧରିଥିଲେ । ଏହାପରେ ଭୋଗ ସରି ବନ୍ଦାପନା ହୋଇଥିଲା ଏବଂ ମୁଦିରସ୍ତ ଫୁଲଶର, ଆୟୁଧ ଲାଗି କରି ଝମର, ଆଲଟ କରିଥିଲେ । ପରେ ଘସାବିଡ଼ିଆ, ଦହିପଟି ମଣୋହୀ ହୋଇ ଫୁଲଶର ମୈଲମ ହେବା ପରେ ରଘୁନାଥ ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୁଅନ୍ତେ ମୁଦିରସ୍ତ ବର୍ଷପଡ଼ି ଶାଢ଼ୀ ବାନ୍ଧିଥିଲେ । ମୁଦିରସ୍ତ ଶାଢ଼ୀ ବାନ୍ଧି ପାଳିଆ ଖୁଣ୍ଟିଆ ଓ ଆସ୍ଥାନ ପଢ଼ିଆରୀଙ୍କ ଉପସ୍ଥିତିରେ ଜମ୍ବେଶ୍ୱର ମନ୍ଦିରକୁ ଯାଇ ଭୋଗ ନୀତି ସାରି ସ୍ୱଗୃହକୁ ଆସନ୍ତେ ମଙ୍ଗଳାର୍ପଣ ହୋଇ ଅନ୍ୟାନ୍ୟ ନୀତିମାନ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଦିନ ଶ୍ରୀବିଗ୍ରହମାନଙ୍କର 'ସୁନାବେଶ' ହୋଇଥାଏ ।



ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

# ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣୀ ଓ ଯାତ୍ରା



*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

୪୭. କାର୍ତ୍ତିକ ବ୍ରତ :- କାର୍ତ୍ତିକ କୃଷ୍ଣ ପ୍ରତିପଦ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏକମାସ ଧରି ଚାଲେ । ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ମାସ ନୀତି ଆରମ୍ଭ ହୁଏ ।

୪୮. ବକ ପଞ୍ଚକ :- କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ୫ ଦିନକୁ ପଞ୍ଚକ କୁହାଯାଏ । ଏକାଦଶୀ ଦିନ ଶ୍ରୀବିଗ୍ରହମାନଙ୍କର- ଲକ୍ଷ୍ମୀନାରାୟଣ ବେଶ, ଦ୍ୱାଦଶୀରେ- ବାଙ୍କଚୂଳ ବେଶ, ତ୍ରୟୋଦଶୀରେ- ତ୍ରିବିକ୍ରମ ବେଶ, ଚତୁର୍ଦ୍ଦଶୀରେ- ଲକ୍ଷ୍ମୀନୃସିଂହ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ- ସୁନାବେଶ ହୁଏ । ପଞ୍ଚକ ୫ ଦିନ ନ ହୋଇ ୬ ଦିନ ହେଲେ ଅଧିକ ଦିନ ବା ମଳ ତିଥିରେ ଶ୍ରୀବିଗ୍ରହମାନଙ୍କର ନାଗାର୍ଜ୍ଜୁନ ବେଶ ଅନୁଷ୍ଠିତ ହୋଇଥାଏ ।

୪୯. ଗରୁଡ଼ ଦ୍ୱାଦଶୀ :- କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀରେ ହୁଏ । ଏହି ଦିନ ଗରୁଡ଼ ଉତ୍ଥାପନ ନୀତି ହୁଏ ।

୫୦. ଦୋଳଗୋବିନ୍ଦାଭିଷେକ :- କାର୍ତ୍ତିକ (ରାସ) ପୂର୍ଣ୍ଣିମାରେ ହୁଏ ।

୫୧. ଗର୍ଭଣା ସଂକ୍ରାନ୍ତି :- ଏହି (ତୁଳା ସଂକ୍ରାନ୍ତି) ଦିନ ଶ୍ରୀମନ୍ଦିରରେ କିଛି ବିଶେଷ ନୀତି ଅନୁଷ୍ଠିତ ହୁଏ ।

୫୨. ନବାନ୍ନ :- ଏହାର କୌଣସି ତିଥି ନାହିଁ । ମହାପ୍ରଭୁଙ୍କର ରାଶି ନକ୍ଷତ୍ର ଦେଖି ସ୍ଥିର କରାଯାଏ ।

୫୩. ଛାଡ଼ଖାଇ :- ମାର୍ଗଶୀର କୃଷ୍ଣ ପ୍ରତିପଦା ଦିନ ହୁଏ ।

୫୪. ପ୍ରଥମାଷ୍ଟମୀ :- ମାର୍ଗଶୀର କୃଷ୍ଣ ଅଷ୍ଟମୀରେ ହୋଇଥାଏ ।

୫୫. ଦେବ ଦୀପାବଳୀ :- ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ଶୁକ୍ଳ ପ୍ରତିପଦ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହୁଏ । ମହାପ୍ରଭୁ ଚତୁର୍ଦ୍ଦଶୀ ତିଥିରେ ଯଶୋଦା ଓ ନନ୍ଦଙ୍କ ଉଦ୍ଦେଶ୍ୟରେ, ଅମାବାସ୍ୟାରେ କୌଶଲ୍ୟା ଓ ଦଶରଥଙ୍କ ଉଦ୍ଦେଶ୍ୟରେ ଏବଂ ପ୍ରତିପଦାରେ ଦେବକୀ ଓ ବସୁଦେବଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦାନ କରିଥାନ୍ତି ।

୫୬. ଘୋଡ଼ ଅଧିବାସ :- ମାର୍ଗଶୀର ଶୁକ୍ଳ ପଞ୍ଚମୀ ତିଥିରେ ହୁଏ ।

୫୭. ପ୍ରାବରଣ ଷଷ୍ଠୀ :- ମାର୍ଗଶୀର ଶୁକ୍ଳ ଷଷ୍ଠୀ ତିଥିରେ ହୁଏ ।

୫୮. ପହିଲି ଭୋଗ :- ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପୂର୍ବ ଦିନ ପର୍ଯ୍ୟନ୍ତ ୧ ମାସ ଧରି ଶ୍ରୀମନ୍ଦିରରେ ଗୋପାଳବଲ୍ଲଭ ଭୋଗ ସହ ଅନୁଷ୍ଠିତ ହୁଏ ।

୫୯. ବକୁଳଲାଗି ଅମାବାସ୍ୟା :- ପୌଷ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କୁ ବଉଳ ଗଇଁଠା ଭୋଗ ହୁଏ ।

୬୦. ପୁଷ୍ୟାଭିଷେକ :- ପୌଷ ପୂର୍ଣ୍ଣିମା ତିଥିରେ ପାଳିତ ହୁଏ ।

୬୧. ନବାଙ୍କବେଢ଼ା ଓ ଫୁଲ ମେଲାଣ :- ଧନୁ ମାସର ମାସାନ୍ତ ତିଥିରେ ପାଳିତ ହୁଏ ।

୬୨. ମକର ବେଢ଼ା :- ମକର ସଂକ୍ରାନ୍ତିରେ ମକର ବେଢ଼ା ହୁଏ ଏବଂ ପ୍ରଭୁଙ୍କୁ ମକର ଚଉଳ ଭୋଗ ହୁଏ ।

୬୩. ଉତ୍ତରାୟଣ ଯାତ୍ରା :- ମକର ସଂକ୍ରାନ୍ତି ଦିନ ପାଳିତ ହୁଏ ।

୬୪. ଶ୍ରୀପଞ୍ଚମୀ ବା ବସନ୍ତ ପଞ୍ଚମୀ :- ମାଘ ଶୁକ୍ଳ ପଞ୍ଚମୀ ତିଥିରେ ପାଳିତ ହୁଏ ।

୬୫. ତିଳ ସପ୍ତମୀ :- ମାଘ ଶୁକ୍ଳ ସପ୍ତମୀ ତିଥିରେ ପାଳିତ ହୁଏ ।

୬୬. ଭୌମ ଏକାଦଶୀ :- ମାଘ ଶୁକ୍ଳ ଏକାଦଶୀ ଦିନ ପାଳିତ ହୁଏ ।

୬୭. ଶିବରାତ୍ରି :- ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ପାଳିତ ହୁଏ ।

୬୮. ଅଗ୍ନି ଉତ୍ସବ :- ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ପାଳିତ ହୁଏ ।

୬୯. ଫଗୁ ଦଶମୀ :- ଫାଲଗୁନ ଶୁକ୍ଳ ଦଶମୀ ତିଥିରେ ପାଳିତ ହୁଏ ।

୭୦. ଗୋବିନ୍ଦ ଦ୍ୱାଦଶୀ :- ଫାଲଗୁନ ଶୁକ୍ଳ ଦ୍ୱାଦଶୀ ତିଥିରେ ପାଳିତ ହୁଏ ।

୭୧. ଦୋଳ ପୂର୍ଣ୍ଣିମା :- ଫାଲଗୁନ ପୂର୍ଣ୍ଣିମା ତିଥିରେ ପାଳିତ ହୁଏ ।

୭୨. ହୋଲି :- ଚୈତ୍ର କୃଷ୍ଣ ପ୍ରତିପଦ ତିଥିରେ ପାଳିତ ହୁଏ ।

୭୩. ବେଣ୍ଟ ଯାତ୍ରା :- ଫାଲଗୁନ ଶୁକ୍ଳ ପ୍ରତିପଦ, ଚତୁର୍ଥୀ, ଅଷ୍ଟମୀ, ଦ୍ୱାଦଶୀ ତିଥିରେ ପାଳିତ ହୁଏ ।

୭୪. ଚୈତ୍ର ଗୁଣ୍ଡିଚା :- ଚୈତ୍ର ଶୁକ୍ଳ ଷଷ୍ଠୀରେ ଅନୁଷ୍ଠିତ ହୁଏ ।

୭୫. ଅଶୋକାଷ୍ଟମୀ :- ଚୈତ୍ର ଶୁକ୍ଳ ଅଷ୍ଟମୀ ତିଥିରେ ପାଳିତ ହୁଏ ।

୭୬. ଶ୍ରୀରାମ ନବମୀ :- ଚୈତ୍ର ଶୁକ୍ଳ ନବମୀ ତିଥିରେ ପାଳିତ ହୁଏ । ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ପାଳିତ ହୁଏ ।

୭୭. ଶ୍ରୀରାମ ଲୀଳା :- ଚୈତ୍ର ଶୁକ୍ଳ ନବମୀ ଠାରୁ ବୈଶାଖ କୃଷ୍ଣ ଦ୍ୱିତୀୟା ପର୍ଯ୍ୟନ୍ତ ପାଳିତ ହୁଏ । ଦଶମୀ ଦିନ ଯଜ୍ଞ ରକ୍ଷା, ଏକାଦଶୀ ଦିନ ସୀତା ବିବାହ, ଦ୍ୱାଦଶୀ ଦିନ ବନବାସ, ଚତୁର୍ଦ୍ଦଶୀ ଦିନ ମାୟା ମୃଗ ପ୍ରସ୍ତାବ, ଚୈତ୍ର ପୂର୍ଣ୍ଣିମା ଦିନ ଲଙ୍କାପୋଡ଼ି, ବୈଶାଖ କୃଷ୍ଣ ପ୍ରତିପଦ ଦିନ ସେତୁ ବନ୍ଧ, ଦ୍ୱିତୀୟା ଦିନ ରାବଣ ବଧ ଏବଂ ଯେଉଁ ଦିନ ପୁଷ୍ୟା କକଡା ନକ୍ଷତ୍ର ଥାଇ ମହାପ୍ରଭୁଙ୍କର ତାରା ଶୁଦ୍ଧି ହୁଏ, ସେହି ଦିନ ରାମାଭିଷେକ ନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ ।

୭୮. ପଣା ସଂକ୍ରାନ୍ତି :- ମେଷ ସଂକ୍ରାନ୍ତି ଦିନ ପାଳିତ ହୁଏ ।

(ଉକ୍ତ ତଥ୍ୟଗୁଡ଼ିକ ୨୦୦୯ ମସିହା ମେ' ମାସରେ ପ୍ରକାଶିତ ଶ୍ରୀମନ୍ଦିର ସମାଚାରରୁ ସଂଗୃହୀତ ।)



ତା ୧୩.୧.୨୧ରେ ଶ୍ରୀମନ୍ଦିରରେ ମକର ଚଉଳ ପ୍ରସ୍ତୁତି ନିମନ୍ତେ ମା' ଆଲାମଚଣ୍ଡୀଙ୍କ ମନ୍ଦିରରୁ କୁମ୍ଭାର ସେବକମାନେ 'ମକର ତାଡ଼' ନେଇ ଶ୍ରୀମନ୍ଦିରକୁ ଯାଉଛନ୍ତି ।

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

# ସ୍ୱରଲିପିରେ ଶ୍ରୀମନ୍ଦିର ନୀତି

## (୪୪)- ଦୋଳ ପୂର୍ଣ୍ଣିମା

ଏହିଦିନ ଅବକାଶ ବଢ଼ିବା ଉତ୍ତାରେ ମୈଲମ ପରେ ପାଳିଆ ମେକାପ ଭଣ୍ଡାର ଘରୁ ଚନ୍ଦନ ବିଜେ କରାଇ ଆଣିଲେ ପଶୁପାଳକେ ଲାଗି କରିବେ । ନୂଆ ବୋଇରାଣି ଶାଢ଼ି ଖଣ୍ଡୁଆ ଲାଗି ହୋଇ ତ୍ରିମୁଣ୍ଡିରେ ଗଭା ଲାଗି ହୋଇବେ । ଏହା ପୂର୍ବରୁ ରୋଷରେ ହୋମ, ଦ୍ୱାରପାଳ ପୂଜା ଓ ସୂର୍ଯ୍ୟପୂଜା ସରିଥିବ । ପାଳିଆ ପଢ଼ିଆରି ମେକାପ ସର ଘରଠାକୁ ଖଇ କୋରା ଭୋଗ ଡାକିଯିବ ।ଏ ଭୋଗ ଛାମୁକୁ ଆସିବା ଉତ୍ତାରେ ଦୋଳଗୋବିନ୍ଦ ସିଂହାସନକୁ ମହାଜନ ହାତରେ ବିଜେ କରିବେ । ପଣ୍ଡା ପଞ୍ଚୋପଚରରେ ପୂଜାକରି ଭୋଗ କରିବେ । ଟେରାପଡ଼ିବା ପୂର୍ବରୁ ମହାଜନେ, ଅଖଣ୍ଡ ମେକାପ, ଗରାବଡୁ, ପାଳିଆ ଖୁଣ୍ଟିଆ ଭିତରକୁ ଯାଇଥିବେ । ଭିତରେ ଭୋଗ ସରିବାପରେ ପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବାପରେ ମହାଜନ ହାତରେ ଦୁଇ ଠାକୁରାଣୀ ଓ ଠାକୁରଙ୍କୁ ସିଂହାସନ ଚାରିପଟେ ୭ ଥର ବେଢ଼ା ବୁଲାଇବାପରେ କଳାହାଟ ଦ୍ୱାର ଦେଇ ନାଭିକଟା ମଣ୍ଡପ ଖଟ ଉପରେ ବିଜେ ବଢ଼ାଇବେ । ଏଠାରେ ପଣ୍ଡା ଆସି ମହାସ୍ନାନ ବଢ଼ାଇବେ । ମାଜଣା ଓ ବନକଲାଗି ବଢ଼ିବ । ରାଘବ ଦାସ ମଠ ଦେଇଥିବା ପାଟଯୋଡ଼ ଓ ଶାଢ଼ିମାନ ଲାଗି ହୋଇ ବେଶ ହୋଇବେ । ପରେ ପାଣି ପଡ଼ିଲା ଉତ୍ତାରେ ଆସ୍ଥାନ ପଢ଼ିଆରି ମେକାପ ସରଘରଠାକୁ ଶୀତଳ ଭୋଗ ଡାକିଯିବ । ପାଳିଆ ମହାସୁଆର ଛେକଧରି ଆସିବ । ମୁଦିରସ୍ତେ ପ୍ରସାଦ ଲାଗି କରିବେ । ପଣ୍ଡା ପଞ୍ଚୋପଚରରେ ମଣୋହି କରାଇବେ । ବନ୍ଦାପନା ହେବ । ଏହା ପରେ ମହାଜନେ ଦିଅଁଙ୍କୁ ଖଟରୁ ବିଜେ କରାଇ ଆଣି ସାତ ପାହାଚ ଦ୍ୱାରଠାରେ ଥିବା ବିମାନରେ ବିଜେ କରାଇବେ । ବିମାନବଡୁମାନେ ବିମାନ କାନ୍ଧେଇ ଘଣ୍ଟ, ଛତା ଓ କାହାଳୀ ସହ ବଡ଼ ଦେଉଳକୁ ସାତ ବେଢ଼ା ବୁଲି ଦୋଳବେଦୀଠାକୁ ଯିବେ । ବେଦି ଚାରିପଟେ ୭ ଘେରା ବୁଲି ବିମାନ ରଖିଲେ ମହାଜନେ ଠାକୁରଙ୍କୁ ହାତରେ ବିଜେ କରାଇ ବେଦୀ ଉପରେ ୭ ଘେରା ବୁଲାଇବେ ଓ ବନ୍ଧା ହୋଇଥିବା ଦୋଳିର ଚାରିପଟେ ୭ ଘେରା ବୁଲାଇ ଦୋଳିରେ ବିଜେ କରାଇବେ । ଏହାପରେ ସର୍ବସାଧାରଣ ଦର୍ଶନ ବଢ଼ିବା ପରେ ପାଣିପଡ଼ି ଧୋପଖାଳ ହେବ । ଘଣ୍ଟ, ଛତା ଓ କାହାଳୀସହ ତଳିଛ ପଟୁଆର ହୋଇ ୩ ଧୂପ (ସକାଳ, ଦ୍ୱିପ୍ରହର, ସନ୍ଧ୍ୟା) ହେବ । ଷୋଡ଼ଶ ଉପଚରରେ ପୂଜାହେବ । ଏହାପରେ ବାହୁଡ଼ା ବିଜେ ସକାଶେ ଦିଅଁ ଦୋଳିରୁ ଓହ୍ଲାଇବେ । ମୁଦିରସ୍ତେ ନିଉଛାଳି କରିବା ପରେ ସିଂହାସନ ଚାରିପଟ ୭ ଘେରା ବୁଲି ସିଂହାସନ ତଳେ ଠିଆ ହୋଇ ରହିବେ । ପ୍ରସାଦ ଲାଗି ହେବ । ବନ୍ଦାପନା ହେବ । ସିଂହାସନ ତଳେ ଚାରିପଟେ ୭ ଘେରା ବୁଲି ବିମାନରେ ବିଜେ କରିବେ ।  ବିମାନ ବେଦୀ ଚାରିପଟେ ୭ ଘେରା ବୁଲିବାପରେ ଦିଅଁ ମନ୍ଦିରକୁ ବିଜେ କରିବେ । ମନ୍ଦିରରେ ୬ ଘେରା ବୁଲିବାପରେ ସରସ୍ୱତୀଙ୍କ ଦେଉଳ ସାମନାରେ ବିମାନ ରଖାହେବ । ସେଠାରେ ପର୍ବଯାତ୍ରାଯୋଗାଣିଆ ଦେବା ଶୀତଳ ଭୋଗ ମଣୋହି ହେବ । ବନ୍ଦାପନା ହେବ । ଏହାପରେ ବିମାନ ୭ ପାହାଚ ଦେଇ ଭିତର କାଠ ପାଖରେ ଭଣ୍ଡାର ଦ୍ୱାରଠାରେ ବିଜେ ହେବ । ସେଠାରେ ବନ୍ଦାପନା ଓ ଜଳଲାଗି ସରିଲେ ଦିଅଁମାନେ ଯେଝା ସ୍ଥାନକୁ ବିଜେ କରିବେ । ଖଇକୋରା ଭୋଗସରି ଠାକୁର ସିଂହାସନକୁ ବିଜେ କଲାପରେ ଭିତରେ ପଶୁପାଳକ ରାଜାବେଶ କରାଇବେ । କର୍ପୂର ଲାଗିହେବ । ଏହାପରେ ଗୋପାଳ ବଲ୍ଲଭ, ସକାଳଧୂପ ଓ ଭୋଗ ମଣ୍ଡପ ନିୟମାନୁଯାୟୀ ହେବ । ଦିଅଁ ଫେରିଲେ ଅନ୍ୟାନ୍ୟ ନୀତି ହେବ ।

## (୪୫)- ହୋରି ଓ ଚନ୍ଦନ ଯାତ୍ରା ଆରମ୍ଭ

ଚୈତ୍ର କୃଷ୍ଣ ପ୍ରତିପଦା ତିଥିରେ ଉକ୍ତ ନୀତି ଅନୁଷ୍ଠିତ ହୁଏ । ପର୍ବ ଯାତ୍ରା ଯୋଗାଣିଆ ଶୀତଳ ଭୋଗ ଡାକିଯାଏ ।

ନିମ୍ନଲିଖିତ ସେବକମାନଙ୍କ ଦ୍ୱାରା ଉକ୍ତ ନୀତିକାର୍ଯ୍ୟ ସମ୍ପନ ହୁଏ-

(୧) ମହାଜନ (୨) ପଣ୍ଡା (୩) ବିମାନବଡୁ (୪) ମୁଦିରସ୍ତ (୫) ବାସିପାଳିଆ ଗରାବଡୁ (୬) ବାସିପାଳିଆ ମେକାପ (୭) ବାସି ପାଳିଆ ମୁଦୁଲି ।

ଏହି ଦିନ ମଧ୍ୟାହ୍ନ ଧୂପ ବେଶରେ ୩ ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିବେ । ମଧ୍ୟାହ୍ନ ଧୂପ ସରିବା ପରେ ଭିତରେ ପାଣି ପଡ଼ିବା ଉତ୍ତାରେ ଦକ୍ଷିଣ ଘର ଭୋଗ ସରିଲେ (ଦୋଳଗୋବିନ୍ଦ) ଭିତରକୁ ବିଜେ କରିବେ । ଏହା ଉତ୍ତାରେ ପଣ୍ଡା, ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନଙ୍କୁ ଆଜ୍ଞାମାଳ ଦେବେ । ଏହାପରେ ମହାଜନ ଉକ୍ତ ୩ ମୂର୍ତ୍ତି ଠାକୁର ଠାକୁରାଣୀଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇବେ । ବିମାନବଡୁମାନେ ବିମାନ ନେଇ ସିଂହ ଦ୍ୱାର ଦେଇ ବଡ଼ ଦାଣ୍ଡ ବାଟେ ନରେନ୍ଦ୍ର ଚକଡ଼ାରେ ବିଜେ କରାଇବେ । ଏଠାରେ ମୁଦିରସ୍ତେ ପ୍ରସାଦ ଲାଗି କରିବେ । ପଣ୍ଡା ପଞ୍ଚୋପଚର ପୂଜାରେ ଶୀତଳ ଭୋଗ ମଣୋହି କରାଇବେ । ମୁଦିରସ୍ତ ବନ୍ଦାପନା କରିବେ । ଚାମର ଆଲଟ କରିବେ । ଏହାପରେ ଦିଅଁ ବାହୁଡ଼ା ବିଜେ କରି ଆସି ଦୋଳ ଗୋବିନ୍ଦସହ ଦକ୍ଷିଣ ଘରକୁ ଓ ଦୁଇ ଠାକୁରାଣୀ ଭିତରକୁ ବିଜେ କରନ୍ତି । ଠାକୁର ବିଜେ ସମୟରେ ବାସି ପାଳିଆ ଗରାବଡୁ, ବାସି ପାଳିଆ ମେକାପ ଓ ବାସି ପାଳିଆ ମୁଦୁଲି ସଙ୍ଗରେ ଯାଇଥିବେ ।




## (୪୬)- ଚୈତ୍ର ଗୁଣ୍ଡିଚା

ଉପରୋକ୍ତ ନୀତି ଚୈତ୍ର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଅନୁଷ୍ଠିତ ହୁଏ । ଏହି ନୀତି ସକାଶେ ରାଜା, ସୁପରିଟେଣ୍ଡେଣ୍ଟଙ୍କ ତରଫରୁ କ୍ଷୀରି, କାକରା ଓ ଲଡୁ ଭୋଗ ସକାଶେ ଯୋଗା ହୁଏ । ଏହି ଦିନ ଭିତରେ ସନ୍ଧ୍ୟା ଧୂପ ବଢ଼ିବା ପରେ ସୂର୍ଯ୍ୟ ଦେବଙ୍କ ମନ୍ଦିରରେ ସୂର୍ଯ୍ୟ ଦେବଙ୍କୁ ପଞ୍ଚାମୃତରେ ମହାସ୍ନାନ କରାଇ ବେଶ ବଢ଼ିବା ଉତ୍ତାରେ ଏହାଙ୍କ ଦେଉଳରେ ହୋଇଥିବା କ୍ଷୀରି, କାକରା ଓ ଲଡୁ ଭୋଗ ବଢ଼ା ହେବା ଉତ୍ତାରେ ଏହାଙ୍କ ସେବକ ପ୍ରସାଦ ଲାଗି କରାଇ ପଞ୍ଚୋପଚର ପୂଜାରେ ମଣୋହି କରାଇବେ । ଏହାପରେ ମନ୍ଦିରରେ ଅନ୍ୟାନ୍ୟ ନୀତିମାନ ହୋଇବ ।

## (୪୭)- ଅଶୋକାଷ୍ଟମୀ

ଉପରୋକ୍ତ ନୀତି ଚୈତ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଅନୁଷ୍ଠିତ ହୁଏ । ନିମ୍ନଲିଖିତ ସେବକମାନଙ୍କ ଦ୍ୱାରା ଏହି ନୀତିକାର୍ଯ୍ୟ ସମ୍ପନ୍ନ ହୁଏ- (୧) ମହାଜନେ (୨) ପାଳିଆ ଖୁଣ୍ଟିଆ (୩) ବିମାନବଡୁ (୪) ଭିତରଛ ମହାପାତ୍ର । ଏ ଦିନ ସକାଳ ଧୂପ ବଢ଼ିବା ପରେ ଭଣ୍ଡାରରୁ ଲୋକନାଥ ଦେବଙ୍କୁ ମହାଜନେ ହାତରେ ବିଜେ କରାଇ ନେଇ ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାଇବେ । ପରେ ବିମାନ ବଡୁମାନେ ଆସି ପାଲିଙ୍କି ଘେନି ଘଣ୍ଟ ଛତା କାହାଳୀ ସହ ଶ୍ରୀଈଶାନେଶ୍ୱରଙ୍କ ମନ୍ଦିରଠାକୁ ଘେନି ଯିବେ । ପାଳିଆ ଖୁଣ୍ଟିଆ ଓ ଅମଣିଆ ମାଳ ହାତରେ ଧରି ନେଇଥିବେ । ଗରାବଡୁ ସାଥିରେ ଥିବେ । ପାଲିଙ୍କିରୁ ମହାଜନେ ଲୋକନାଥଙ୍କୁ ଈଶାନେଶ୍ୱରଙ୍କ ମନ୍ଦିର ଭିତରେ ବିଜେ କରାଇବା ଉତ୍ତାରେ ଭିତରଛ ମହାପାତ୍ର ଉକ୍ତ ମାଳ ନେଇ ଈଶାନେଶ୍ୱରଙ୍କୁ ଲାଗି କଲା ଉତ୍ତାରେ ସେ ମାଳ ଲୋକନାଥଙ୍କୁ ଦେଇ  ହାତରେ ବିଜେ କରାଇ ଆଣି ପାଲିଙ୍କିରେ ବିଜେ କରାଇବେ । ଏହାପରେ ବିମାନବଡୁମାନେ ପାଲିଙ୍କି ଘେନି ସିଂହଦ୍ୱାର ବଡ଼ଦାଣ୍ଡ ଦେଇ ଜଗନ୍ନାଥବଲ୍ଲଭଠାକୁ ବିଜେ କରାଇବେ । ଏଠାରେ ଭୋଗ ବନ୍ଦାପନା ହୋଇ ଅଶୋକା ମଣୋହି ହୋଇ ବାହୁଡ଼ା ବିଜେ କରି ଭଣ୍ଡାରକୁ ବିଜେ କରିବେ ।

**ଜାଣିବା କଥା ...**

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ ବ୍ୟବହାରିକ ଶବ୍ଦ ମଧ୍ୟରେ 'କରପଲ୍ଲବ'ର ଅର୍ଥ କ'ଣ ?

ଉ - ଆଙ୍ଗୁଳି, ହାତ ଅଙ୍ଗୁଳି ବା ପାପୁଲିରେ ଥିବା ପାଞ୍ଚ ଅଙ୍ଗୁଳି । ପଣସପତ୍ର ଓ ଫୁଲ ଦ୍ୱାରା ପ୍ରସ୍ତୁତ ପାଞ୍ଚ ଆଙ୍ଗୁଳି ପାଇଁ ପାଞ୍ଚଟି ଫୁଲ ଝୁମ୍ପା ସହିତ ଶ୍ରୀହସ୍ତର ପୁଷ୍ପ ଭୂଷଣ । ଶ୍ରୀଜଗନ୍ନାଥଙ୍କ ହାତ ଆଗରେ ଦିଆଯିବା ଚେପଟା ଓ ଗୋଲ ପତ୍ରାକାରରେ ଗ୍ରଥିତ ପୁଷ୍ପମଣ୍ଡଳ ।

୨. ପ୍ର - ଶ୍ରୀମନ୍ଦିରରେ 'କରତିଆ ସେବକ' କାହାକୁ କୁହାଯାଏ ?

ଉ - ଯେଉଁମାନେ ରଥ ନିର୍ମାଣ ବେଳେ କାଠ ଚିରନ୍ତି ବା କାଠ କାମ କରନ୍ତି ।

୩. ପ୍ର - ଶ୍ରୀମନ୍ଦିରରେ 'କରାଳ'ର ଆବଶ୍ୟକତା କ'ଣ ?

ଉ - ଭୟଙ୍କର, ଭୀଷଣ, ଭୟାନକ, ରାବଣର ଅନୁଚର, ଝୁଣା, ତୈଳ ବିଶେଷ, ଗର୍ଜନ ତୈଳ । ପଥର ବା କାଚ ଆଦି ଯୋଡ଼ିବା ପାଇଁ ଝୁଣାରେ ତିଆରି ଏକ ପ୍ରକାର ଅଠା । ଚୁଆ, ସର୍ବ ରସ ତୈଳ, ମର୍ଦ୍ଦନ ତୈଳ । ଶ୍ରୀମନ୍ଦିରରେ ଅଣସର ସମୟରେ ବିଗ୍ରହମାନଙ୍କ ନିକଟରେ ଲାଗି ହୋଇଥାଏ ।

୪. ପ୍ର - ମହାପୁରୁଷମାନଙ୍କ କହିବା ଅନୁଯାୟୀ ଆଗାମୀ ଦିନରେ 'କଳ୍କି'ର ଭୂମିକା କ'ଣ ?

ଉ - ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ପୁରାଣ ସମର୍ଥିତ ସମ୍ଭାବ୍ୟ ଦଶମ ବା ଶେଷ ଅବତାର  । ଏହି ଅବତାରରେ ସ୍ୱୟଂ ଭଗବାନ ଘୋଡ଼ାରେ ଚଢ଼ି ବାରହାତ ଖଣ୍ଡା ଦ୍ୱାରା ଦୁଷ୍ଟମାନଙ୍କୁ ସଂହାର କରିବେ ଓ ପୃଥିବୀକୁ ପାପଭାରରୁ ରକ୍ଷା କରିବେ ବୋଲି ଲୋକ ବିଶ୍ୱାସ କରନ୍ତି ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା .....*

## ୧୯୨୩ ମସିହା ପୁରୀ ରଥଯାତ୍ରା

(ଭାଗ-୫୮-ସଂଖ୍ୟା ୨୯ - ତା ୨୧ ରିଖ, ଜୁଲାଇ)

ଅନବସର ପରେ ଗତ ତା.୧୫ରିଖ ଶୁକ୍ରବାର ଶ୍ରୀଜୀଉଙ୍କର ନବଯୌବନ ଦର୍ଶନ ହୋଇଥିଲା । ପ୍ରଖର ରୌଦ୍ର ତେଜରୁ ଯାତ୍ରୀମାନଙ୍କ କଅଞ୍ଚିତ୍ ରକ୍ଷା ନିମନ୍ତେ ସିଂହଦ୍ୱାର ଓ ମନ୍ଦିର ଭିତରେ ଛାମୁଣ୍ଡିଆ ବନ୍ଧା ହୋଇଥିଲା ।



ଯାତ୍ରୀସଂଖ୍ୟା ଅଧିକା ଥିବା ଏବଂ ସାବଧାନତା ସହିତ ଦଳେ ୨ ଯାତ୍ରୀ ଭିତରକୁ ଯିବା ପରେ ଅନ୍ୟ ୨ଦଳଙ୍କୁ କ୍ରମଶଃ ଭିତରକୁ ଯିବାର ନିୟମ ଥିବାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଦର୍ଶନ ହେଉଥିଲା, ଦର୍ଶନ ଶେଷେ ନେତ୍ରୋତ୍ସବାଦି ବିଧି ସମ୍ପନ୍ନ ହୋଇଥିଲା । ସାରାଦିନ ଶନିବାର ତିନିରଥକୁ ଆଜ୍ଞାମାଳ ଆସିବା ପୂର୍ବରୁ ରଥମାନଙ୍କର ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା । ସାଜସଜ୍ଜା ପୂର୍ବ ୨ ବର୍ଷ ପରି ହୋଇଥିଲା । କେବଳ ରଥବାହୀ ଅଶ୍ୱଗୁଡ଼ିକର ଅବସ୍ଥା ପରିବର୍ତ୍ତନ ଦେଖାଗଲା । ଏ ଦିନ ଅପରାହ୍ଣ ଘ୩ଣ୍ଟାରେ ରଥଟଣା ଆରମ୍ଭ ହେଲା ଏବଂ ସନ୍ଧ୍ୟା ପୂର୍ବରୁ ତିନି ରଥ ସିଂହଦ୍ୱାରରେ ଉପସ୍ଥିତ ହେଲେ । ତା.୧୫ରିଖ ରବିବାର ଶ୍ରୀଗୁଣ୍ଡିଚ୍ଚା ଦିନ ରଥ ପ୍ରତିଷ୍ଠା ଏବଂ ଶ୍ରୀଜୀଉଙ୍କର ଖେଚେଡ଼ି ଭୋଗ ପରେ ପହଣ୍ଡି ବିଜେ ଆରମ୍ଭ ହେଲା ଏବଂ ମଧ୍ୟାହ୍ନ ପ୍ରାୟ ଘ୧୨ଣ୍ଟା ବେଳେ ଠାକୁରମାନେ ରଥାରୂଢ଼ ହେଲେ । ସାରଥୀ ସ୍ଥାପନ ଏବଂ ଚାରମାଳ ଫିଟିବାରେ ଏକ ସଙ୍ଗେ ତିନି ରଥରେ ଦଉଡ଼ି ଲାଗି ସରକାରୀ ଓ ମନ୍ଦିର ହାକିମମାନଙ୍କ ଉପସ୍ଥିତିରେ ରଥଟଣା ଆରମ୍ଭ ହେଲା । ସନ୍ଧ୍ୟା ଘ୬ଣ୍ଟାରେ ତିନି ରଥ ଗୁଣ୍ଡିଚ୍ଚା ମଣ୍ଡପ ନିକଟରେ ପହଁଞ୍ଚିଲେ । ତା.୧୬ରିଖ ସୋମବାର ରଥ ଉପରେ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ଦୈନନ୍ଦିନ ନୀତି ଶେଷ ହୋଇ ପହଣ୍ଡି ବିଜେର ବ୍ୟବସ୍ଥା ହୋଇଥିଲା । ଠାକୁରମାନେ ରାତି ପ୍ରାୟ ଘ୧୦ଣ୍ଟାରେ ଗୁଣ୍ଡିଚ୍ଚା ମଣ୍ଡପ ସିଂହାସନରୋହଣ କଲେ । ସେଠାରେ ପରଦିନ ଠାରୁ ଯଥାରୀତି ଅନ୍ନଭୋଗ ହେଉଅଛି । ଏ ବର୍ଷ ଶ୍ରୀଗୁଣ୍ଡିଚ୍ଚା ୮/୧୦ ଦିନ ଆଗରୁ ଯାତ୍ରୀ ସଂଖ୍ୟା କ୍ରମଶଃ ବଢ଼ିଥିଲା । ୨/୪ଦିନ ପୂର୍ବରୁ ସ୍ପେଶାଲ୍ ଟ୍ରେନ୍ ବହୁବାର ଆସୁଥିଲା । ଦେଖୁଁ ୨ ସହରରେ ବଙ୍ଗାଳୀ ଯାତ୍ରୀମୟ ହୋଇଥିଲା । ଅନ୍ୟାନ୍ୟ ଯାତ୍ରୀ ଅତିକମ୍ ଥିଲେ । ଧର୍ମଶାଳା, ଟିଣଘର ଏବଂ ସମସ୍ତ ଲଜିଂ ହାଉସ୍ ଯାତ୍ରୀ ପୂର୍ଣ୍ଣ ହୋଇଥିଲା । ଭଡ଼ାର ଦର କ୍ରମଶଃ ବଢ଼ି ସାଧାରଣ ଘରେ ଜଣ ପ୍ରତି ୫/୬ ଟଙ୍କା ଏବଂ ବଡ଼ଦାଣ୍ଡରେ ଆଠ ଟଙ୍କା ପର୍ଯ୍ୟନ୍ତ ହୋଇଥିଲା । ଶେଷକୁ ସ୍ଥାନ ନ ପାଇ ଓ ଅତିରିକ୍ତ ଭଡ଼ା ଦେଇ ନ ପାରି ଅନେକ ଯାତ୍ରୀ ଗଛମୂଳେ ଓ ଦାଣ୍ଡରେ ଆଶ୍ରୟ ନେଇଥିଲେ । ନିକଟସ୍ଥ ଝରିନଳା ଓ ରାଉତରାପୁର ଗ୍ରାମରେ ୨/୩ ଟଙ୍କା ଭଡ଼ାରେ ଯାତ୍ରୀ ରହିଥିଲେ । ଆନୁମାନିକ ମୋଟ୍ ଯାତ୍ରୀ ସଂଖ୍ୟା ଏକଲକ୍ଷ ପର୍ଯ୍ୟନ୍ତ ହୋଇଥିଲା । ରଥସ୍ଥ ଶ୍ରୀବାମନ ଦେବଙ୍କୁ ଦର୍ଶନ ଓ ରଥଟଣାରେ ଯୋଗ ଦେଇ କ୍ରମଶଃ ଯାତ୍ରୀମାନେ ପୁରୀରୁ ପ୍ରସ୍ଥାନ କରୁଅଛନ୍ତି । ଯାତ୍ରୀ ତୁଳନାରେ ଓଲାଉଠାଦି ରୋଗର ପ୍ରାଦୁର୍ଭାବ ଅଧିକ ନୁହେଁ ।



ତା. ୧୧.୧.୨୧ରେ ଚଳିତ ବର୍ଷ ରଥଯାତ୍ରା ପାଇଁ 'ରଥ କାଠ ଅନୁକୂଳ' ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ୪ଜଣିଆ ଦଳ ମାଳ, ମହାପ୍ରସାଦ, ଲାଗି ଖଣ୍ଡୁଆ ଏବଂ ପୂଜା ସାମଗ୍ରୀ ସହିତ ନୟାଗଡ଼ ଜିଲ୍ଲାର ବଡ଼ମୂଳସ୍ଥିତ ମା' ବଡ଼ରାଉଳ ଠାକୁରାଣୀଙ୍କ ନିକଟକୁ ଯାତ୍ରାରମ୍ଭ କରୁଛନ୍ତି ।

## ଭକ୍ତ ଯମୁନାଚାର୍ଯ୍ୟ

ଦାକ୍ଷିଣାତ୍ୟର ଅଲୱାରପନ୍ଥୀ ସନ୍ଥ ଈଶ୍ୱରମୁନିଙ୍କ ପୁତ୍ର ଭାବରେ ଅଲୱାନ୍ଦରଙ୍କ ଜନ୍ମ ପ୍ରାୟ ଏକାଦଶ ଦ୍ୱାଦଶ ଶତାବ୍ଦୀରେ । ଅଲୱାନ୍ଦରଙ୍କ ଅନ୍ୟ ଏକ ନାମ ଯମୁନାଚାର୍ଯ୍ୟ ଭାବରେ ପରିଚିତ । ଯମୁନାଚାର୍ଯ୍ୟଙ୍କ ପିତୃପୁରୁଷ ଥିଲେ ଅନନ୍ତଶାୟୀ ନାରାୟଣଙ୍କ ଭକ୍ତ । ଯମୁନାଚାର୍ଯ୍ୟଙ୍କୁ ମାତ୍ର ୧୦ ବର୍ଷ ହୋଇଥିବା ସମୟରେ ତାଙ୍କ ପିତାଙ୍କ ମୃତ୍ୟୁ ଘଟିଲା । ଫଳରେ ସେ ଜେଜେବାପା ନାଥମୁନିଙ୍କ ସହଚର୍ଯ୍ୟରେ ମାତ୍ର ୧୧ ବର୍ଷ ବୟସରେ ଗୃହସ୍ଥାଶ୍ରମ ତ୍ୟାଗ କରି କଠୋର ସନ୍ନ୍ୟାସ ବ୍ରତ ଗ୍ରହଣ କଲେ । ତା'ପରେ ଶ୍ରୀ ଭାସ୍କରାଚାର୍ଯ୍ୟଙ୍କ ଗୁରୁକୁଳରେ ବିଦ୍ୟାଧ୍ୟୟନ କରି ନିଜର ପାଣ୍ଡିତ୍ୟର ପରାକାଷ୍ଠ ଛାତ୍ର ସମୟରୁ ଦେଖାଇଥିଲେ । ଏପରିକି ଦାକ୍ଷିଣାତ୍ୟର ବିଭିନ୍ନ ରାଜ୍ୟର ପଣ୍ଡିତମଣ୍ଡଳୀଙ୍କ ସହିତ ଶାସ୍ତ୍ରାର୍ଥ କରି ବାକ୍‌ଯୁଦ୍ଧରେ ପରାସ୍ତ କରିଦେଇଥିଲେ । ଫଳରେ ପାଣ୍ଡ୍ୟ ରାଜ୍ୟର ରାଜା ତାଙ୍କୁ ନିଜ ରାଜ୍ୟରୁ ଅଧେ ପ୍ରଦାନ କରିଥିଲେ । ଯମୁନାଚାର୍ଯ୍ୟ ରାଜା ଭାବରେ ରାଜକାର୍ଯ୍ୟ ସମ୍ପାଦନ କରିବାରେ ଲାଗିଲେ ।



ଏହି ସମୟରେ ତାଙ୍କ ପିତାମହଙ୍କ ବନ୍ଧୁ ନାମ୍ବି ତାଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କ କର୍ତ୍ତବ୍ୟ ସମ୍ପର୍କରେ ସ୍ମରଣ କରାଇଥିଲେ ଏବଂ କାବେରୀ ନଦୀ ତଟସ୍ଥ ଶ୍ରୀରଙ୍ଗନାଥ ମନ୍ଦିରକୁ ପ୍ରେରଣ କଲେ । ସେଠାରେ ଶେଷଶାୟୀ ନାରାୟଣଙ୍କୁ ଦର୍ଶନ କରିବା ସହ ସେବିକା ଭାବେ ଲକ୍ଷ୍ମୀ ତାଙ୍କ ପାଦ ସେବା କରୁଥିବା ବିଗ୍ରହ ତାଙ୍କୁ ପୁନର୍ବାର ସନ୍ନ୍ୟାସ ପଥକୁ ଫେରାଇ ଆଣିଲା । ସେହିଠାରେ ନାମ୍ବିଙ୍କୁ ଗୁରୁ ଭାବରେ ଗ୍ରହଣ କରି ନାରାୟଣଙ୍କୁ ହୃଦୟରେ ଧାରଣ କରି ଶ୍ରୀରଙ୍ଗନାଥଙ୍କ ସେବାରେ ଲାଗିଲେ ।


ଯମୁନାଚାର୍ଯ୍ୟ ବା ଅଲୱାନ୍ଦାରଚାର୍ଯ୍ୟ ପରିଣତ ବୟସରେ ତୀର୍ଥ ଭ୍ରମଣରେ ବାହାରି ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ପ୍ରବେଶ କଲେ । ସେହି ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଣସର ଚାଲିଥିଲା । ଯମୁନାଚାର୍ଯ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିନପାରି ଭୀଷଣ ଦୁଃଖିତ ହୋଇ ରଙ୍ଗନାଥଙ୍କୁ ଧ୍ୟାନସ୍ଥ ହେଲେ । ହଠାତ୍ ତାଙ୍କର ଅନୁଭବ ହେଲା ଶ୍ରୀରଙ୍ଗନାଥ ହିଁ ଶ୍ରୀଜଗନ୍ନାଥ ଅଟନ୍ତି । ତାଙ୍କର ଅନୁଭବକୁ ଆସିଲା ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ରୂପକ ସିଂହାସନ ଉପରେ ବିରାଜିତ । ଶେଷନାଗ ବଳଭଦ୍ର ତାଙ୍କ ମସ୍ତକରେ ଛତ୍ରାକାରରେ ରହିଛନ୍ତି । ମା' ଲକ୍ଷ୍ମୀ ଠାକୁରାଣୀ ତାଙ୍କର ପାର୍ଶ୍ୱରେ ରହି ପଦସେବା କରୁଛନ୍ତି । ମହାପ୍ରଭୁ ଯୋଗ ନିଦ୍ରାରେ ଅଛନ୍ତି । ହଠାତ୍ ତାଙ୍କର ମନେହେଲା ପ୍ରଭୁ କହୁଛନ୍ତି- 'ଅନବସରକାଳୀନ ମୋର ଯୋଗନିଦ୍ରାଯୁକ୍ତ ଶେଷ ଶାୟୀ ରୂପ ମାନସଚକ୍ଷୁରେ ଦର୍ଶନ କଲୁ । ଏବେ ମୋର ନୀଳମାଧବ ସ୍ୱରୂପ, ସାକାର ରୂପକୁ ଦର୍ଶନ କର । ସେହି ରୂପରେ ମୁଁ ବ୍ରହ୍ମଗିରି ଠାରେ ଅଛି' ।

ଯମୁନାଚାର୍ଯ୍ୟ ବା ଅଲୱାନ୍ଦାର ଚମକି ପଡ଼ି ଚେତନାଶକ୍ତି ଫେରି ପାଇଲେ । ସେ ସେଠାରେ ବ୍ରହ୍ମଗିରି ପଥ ପଚାରି ବ୍ରହ୍ମଗିରି ଠାରେ ପହଞ୍ଚି ଶ୍ରୀମନ୍ ନାରାୟଣଙ୍କର ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ଚର୍ତୁଭୂଜ ରୂପ ଦର୍ଶନ କରି ଭାବବିହ୍ୱଳ ହୋଇ ଉଠିଲେ । ତା'ପରେ କୃତ୍ୟକୃତ୍ୟ ହୋଇ ଚରଣ ବନ୍ଦନା କରିବାସହ ପ୍ରାର୍ଥନା କଲେ- 'ମହାପ୍ରଭୁ ଆପଣ ଆଜି ଠାରୁ ନାରାୟଣ ନୁହଁ ଅଲବନ୍ଦାର ନାଥ ଭାବେ ପରିଚିତ ହେବେ । ତା'ଛଡ଼ା ଏହି ଅଣସର କାଳରେ ଯିଏ ଆପଣଙ୍କର ଦର୍ଶନ କରିବ ସେ ଶ୍ରୀଜଗନ୍ନାଥଙ୍କ ଦର୍ଶନର ଫଳ ପାଇବ ।

ଭକ୍ତର ମନୋବାଞ୍ଛା ପୂରଣ ହେଲା । ସେହିଦିନ ଠାରୁ ଅଲୱାନ୍ଦର ନାଥ ଭାବରେ ଶ୍ରୀନାରାୟଣ ପୂଜା ପାଇଲେ । ଯାହାକି କ୍ରମଶଃ 'ଅଲାରନାଥ' ଭାବେ ବର୍ତ୍ତମାନ ପରିଚିତ ।

*ସୁନୀଲ କୁମାର ରଥ- ଅବସରପ୍ରାପ୍ତ ରିଡ଼ର- ଉପର ନୂଆ ସାହି, ପୁରୀ*

# ଫଟୋରେ ଖବର...



ତା. ୧.୧.୨୧ରେ ରାଜ୍ୟ ଉନ୍ନୟନ କମିଶନର୍ ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ଗହଣରେ ସିଂହଦ୍ୱାରରୁ ପତିତପାବନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୩.୧.୨୧ରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ ଶ୍ରୀମନ୍ଦିର ସିଂହଦ୍ୱାରରୁ ପତିତପାବନଙ୍କ ଦର୍ଶନ ସାରି ଫେରୁଛନ୍ତି ।




ତା. ୩.୧.୨୧ରେ ଭାରତୀୟ ନୌସେନାର ଭାଇସ୍ ଆଡ଼ମିରାଲ ଏ.କେ. ଚାୱ୍ଲା ସପରିବାର ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ।



ତା. ୯.୧.୨୧ରେ କେନ୍ଦ୍ର ଗ୍ୟାସ୍ ଓ ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ସସ୍ତ୍ରୀକ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୯.୧.୨୧ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୧୯.୧.୨୧ରେ ଭାରତୀୟ ସ୍ଥଳ ସେନାର ନୂତନ ଉପ-ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଶ୍ରୀଯୁକ୍ତ ଚଣ୍ଡି ପ୍ରସାଦ ମହାନ୍ତି ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ଏବଂ ଓ.ଏସ୍.ଡି. ଶ୍ରୀଯୁକ୍ତ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନସାରି ଫେରୁଛନ୍ତି ।

# ଫଟୋରେ ଖବର...





ଡା. ୩.୧.୨୧ରେ ତୃତୀୟ ପର୍ଯ୍ୟାୟରେ କୋଭିଡ୍ ନେଗେଟିଭ୍ ପ୍ରମାଣପତ୍ର ସହ ରାଜ୍ୟ ଏବଂ ରାଜ୍ୟ ବାହାରର ଦର୍ଶନାର୍ଥୀମାନେ କୋଭିଡ୍ କଟକଣା ମାନି ବ୍ୟାରିକେଡ୍ ଦେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି ।



ତା. ୩.୧.୨୧ରେ ଭୁବନେଶ୍ୱର ନିବାସୀ ଶ୍ରୀ ଶିବ ପ୍ରସାଦ ପଣ୍ଡା ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କୁ '୨୧ କି.ଗ୍ରା.ର ରୂପା' ଦାନ କରୁଛନ୍ତି ।



ତା. ୭.୧.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପୂର୍ବତନ ଜିଲ୍ଲାପାଳ ଶ୍ରୀଯୁକ୍ତ ବଲୱନ୍ତ ସିଂଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା କରାଯିବା ସହିତ ନୂତନ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ସ୍ୱାଗତ ସମ୍ବର୍ଦ୍ଧନା ବୈଠକ ।



ତା. ୧୦.୧.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଭୁବନେଶ୍ୱରର ଶ୍ରୀ ପଦ୍ମଚରଣ ପାତ୍ର ସସ୍ତ୍ରୀକ ସୁନା ଓ ରୂପା ଖଚିତ '୩ ହଳ ସୂର୍ଯ୍ୟ-ଚନ୍ଦ୍ର' ମହାପ୍ରଭୁଙ୍କୁ ଲାଗି ନିମନ୍ତେ ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କୁ ଦାନ କରୁଛନ୍ତି ।



ତା. ୧୦.୧.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ବ୍ୟବସ୍ଥାର ସମୀକ୍ଷା' ବୈଠକ ।

# ଲୋକଙ୍କ କଥା ସତ ହେଲା

ଗୌଡ଼ୀୟ ବୈଷ୍ଣବ ସଂପ୍ରଦାୟର ସ୍ୱନାମଧନ୍ୟ ସନ୍ଥ ରାଧାରମଣ ଦେବ ଶ୍ରୀଜଗନ୍ନାଥ ଧାମ ପୁରୀରେ ଅବସ୍ଥାନ କରିବା ବେଳର କଥା । ବୈଷ୍ଣବମାନେ ବିଶ୍ୱାସ କରନ୍ତି ସେ ହେଉଛନ୍ତି ନିତାଇ ଏବଂ ଗୌରଙ୍କର ମଧୁର ସଂଯୋଗ । ଦେଖିବାକୁ ଯେପରି ମନୋମୁଗ୍ଧକର ଚେହେରା, ସେହିପରି ମଧୁର ଭାଷା ଏବଂ ପ୍ରାଣୀ ମାତ୍ରକୁ ଆପଣେଇ ନେବାର ସୁନ୍ଦର ବ୍ୟବହାର ତାଙ୍କୁ ଖୁବ୍ ଶୀଘ୍ର ପୁରୀରେ ଲୋକପ୍ରିୟ କରିପାରିଥିଲା । ଦଳେ ବୁଲା କୁକୁରଙ୍କୁ ଡାକି ଗୋଟିଏ ସ୍ଥାନରେ ଏକତ୍ର କରି ମହାପ୍ରସାଦ ସେବନ କରାଇଥିବା କାହାଣୀ ତାଙ୍କୁ ସୁପରିଚିତ କରାଇପାରିଥିଲା । ସେ ଯେତେବେଳେ ପ୍ରଥମେ ପୁରୀ ଆସିଲେ, ବଡ଼ ଦେଉଳର ରତ୍ନସିଂହାସନରେ ବିଜେ ହୋଇଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି ଭାବେ ଦର୍ଶନ କରି ଭାବ ବିହ୍ୱଳ ହୋଇ ଯାଇଥିଲେ । ଭକ୍ତମାନେ ତାଙ୍କ ସୁଠାମ ଠାଣି ଏବଂ ମଧୁର ବାଣୀ ଦ୍ୱାରା ଆକୃଷ୍ଟହୋଇ ତାଙ୍କୁ ବଡ଼ବାବାଜୀ ନାମରେ ସମ୍ବୋଧନ କରୁଥିଲେ । ଦିନେ ଜଣେ ଭକ୍ତ ଆସି କହିଲେ, ବଡ଼ ବାବାଜୀ ମହାଶୟ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଧାମ ଶ୍ରୀକ୍ଷେତ୍ର ହେଉଛି ପ୍ରସାଦ ସେବନ କ୍ଷେତ୍ର । ମହାପ୍ରଭୁ ଏଠାରେ ପ୍ରତିଦିନ ଷାଠିଏ ପଉଟି ଅନ୍ନ, ନାନାପ୍ରକାର ବ୍ୟଞ୍ଜନ, କ୍ଷୀରି, ପୁରୀ, ମିଠା, ପିଠା, ଭୋଜନ କରନ୍ତି । କୌଣସି ଭକ୍ତ ଏଠାରେ ଉପାସରେ ରହେ ନାହିଁ । ବଡ଼ ବାବାଜୀ ପଚାରିଲେ ପାଖରେ ପଇସାପତ୍ର ଥିଲେ କେହି ଉପବାସରେ ରହିବ ନାହିଁ । ଭକ୍ତ ଉତ୍ତର ଦେଲେ ପଇସା ଥାଉ ବା ନଥାଉ ତାଙ୍କୁ ଦର୍ଶନ କରିବାକୁ ଆସିଥିବା ଭକ୍ତ କେବେ ଉପାସ ରହିବ ନାହିଁ । ଏପରିକି ପୁରୀର କୌଣସି ଭକ୍ତ ଯଦି ମହାପ୍ରସାଦ ପାଇବ ବୋଲି ଆଶା କରିଥାଏ, ମହାପ୍ରଭୁ ତା ଆଶା ପୂରଣ କରିଥାଆନ୍ତି । ଏ କଥା ଶୁଣି ବଡ଼ ବାବାଜୀଙ୍କର ଇଚ୍ଛା ହେଲା, କଥାଟିର ସତ୍ୟତା ପରୀକ୍ଷା କରିବା ପାଇଁ । ତା ପରଦିନ ବଢ଼ି ସକାଳୁ କାହାକୁ କିଛି ନ କହି ନିତ୍ୟକର୍ମ ସାରି, ପ୍ରସାଦ ସେବନ ନ କରି ବାବାଜୀ ଚାଲିଲେ ଶ୍ରୀମନ୍ଦିରକୁ । ମହାପ୍ରଭୁଙ୍କୁ ମନବୋଧ କରି ଦର୍ଶନ କଲେ । ସିଧା ଚାଲିଲେ କୋଇଲି ବୈକୁଣ୍ଠକୁ । ସେଠାରେ କଦଳୀ ବୁଦା ମଧ୍ୟରେ ଗଛ ପତ୍ର ତଳେ ଲୁଚି କରି ବସିଗଲେ । ମନେ ମନେ ଭାବିଲେ ମୁଁ ଏଠାରେ ବସିଗଲେ ମୋତେ ତ କେହି ଦେଖି ପାରିବେ ନାହିଁ । ପ୍ରସାଦ ଦେବ କିଏ ?



ଦ୍ୱିପ୍ରହର ଗଡ଼ି ସନ୍ଧ୍ୟା ହେଲା । ସୂର୍ଯ୍ୟ ମା କୋଳକୁ ଗଲେ । ଚାରିଆଡ଼େ ଅନ୍ଧକାର ମାଡ଼ି ଆସିଲା । ସେତେବେଳେ କୋଇଲି ବୈକୁଣ୍ଠ ପଛ ବଗିଚାରେ ଆଲୁଅ ବ୍ୟବସ୍ଥା ନଥିଲା । ଅନ୍ଧକାର ମଧ୍ୟରେ ଚୁପ୍‌ଚାପ ହୋଇ ବସିଛନ୍ତି ବଡ଼ବାବାଜୀ ମହାଶୟ । ଏଡ଼େ ବଡ଼ ଚେହେରା । ବୁଦାମୂଳେ ଲୁଚି ରହି ପାରୁ ନାହାନ୍ତି । ଜଣେ କେହି ମାରୁଆଡ଼ି ଭକ୍ତ ଏକଶହ ଆଠ ମୂର୍ତ୍ତି ସନ୍ନ୍ୟାସୀଙ୍କୁ ମହାପ୍ରସାଦ ସେବନ କରାଇବାର ସଂକଳ୍ପ ନେଇ ଆନନ୍ଦ ବଜାରକୁ ଆସିଲେ । ଦେଖିଲେ ଏକଶହ ସାତମୂର୍ତ୍ତି ବୈଷ୍ଣବ ଅଛନ୍ତି । ଆଉ ଜଣେ ନାହାନ୍ତି । ଏଣେ ପାଖରେ ୧୦୭ ଖଣ୍ଡ ମଂଜ କଦଳୀ ପତ୍ର ରହିଛି । ଆଉ ଖଣ୍ଡିଏ ପତ୍ର ଆଣିବା ପାଇଁ ସେ କୋଇଲି ବୈକୁଣ୍ଠ କଦଳୀ ବଗିଚା ମଧ୍ୟକୁ ଗଲେ । ଦେଖିଲେ ସେଠାରେ ଦିବ୍ୟ ଆଭାଧାରୀ ଜଣେ ସୁନ୍ଦର ସୁଠାମ ବୈଷ୍ଣବ ବସି ରହିଛନ୍ତି । କଦଳୀ ପତ୍ର ତ ଆଣିଲେ । ବାବାଜୀଙ୍କୁ ସବିନୟ ପ୍ରାର୍ଥନା କଲେ ମହାପ୍ରସାଦ ସେବାରେ ଯୋଗ ଦେବା ପାଇଁ । ସୁନା ପିଲାଟି ପରି ବଡ଼ ବାବାଜୀ ଆସିଲେ । ବାବାଜୀମାନଙ୍କ ଗହଣରେ ବସି ମହାପ୍ରସାଦ ସେବନ କଲେ । ମହାପ୍ରଭୁଙ୍କ ଠାରୁ ବିଦାୟ ନେବା ପାଇଁ ଯାଇ ଗରୁଡ଼ ପଛରେ ଉଭା ହୋଇ ଭୋ ଭୋ  କାନ୍ଦି ଉଠିଲେ । କହିଲେ, ମହାବାହୁ ମୁଁ ଛାର ! ସୃଷ୍ଟି କର୍ତ୍ତାଙ୍କର ମହିମା ନ ଜାଣି ପରୀକ୍ଷା କରୁଥିଲି । ଆପଣ ତ ମୋ ପ୍ରତି ରୁଷ୍ଟ ହେଲେ ନାହିଁ । ବରଂ ଅବୋଧ ସନ୍ତାନ ପରି ମୋତେ ଡାକିଆଣି ମହାପ୍ରସାଦ ସେବନ କରାଇଲେ । ଲୋକଙ୍କ ବିଶ୍ୱାସ ବାସ୍ତବିକ ସତ ହେଲା । ଶ୍ରୀକ୍ଷେତ୍ରରେ କୌଣସି ଭକ୍ତ ଅଭୁକ୍ତ ହୋଇ ରହିବ ନାହିଁ ।

● *ଶ୍ରୀ ଶଂକର୍ଷଣ ମଂଗରାଜ (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

## ଫେବୃୟାରୀ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୭.୨.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ଷଟ୍‌ତିଳା ଏକାଦଶୀ |
| ତା. ୧୨.୨.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ କୁମ୍ଭ ସଂକ୍ରାନ୍ତି |
| ତା. ୧୩.୨.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ପଦ୍ମବେଶ |
| ତା. ୧୬.୨.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ଓ ରଥ କାଠ ଅନୁକୂଳ ପୂଜା |
| ତା. ୨୩.୨.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଭୌମୀ ଏକାଦଶୀ |
| ତା. ୨୭.୨.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜଉଦ୍ଧାରଣ ବେଶ |

*ସୌଜନ୍ୟ-* OMC ODISHA NEW OPPORTUNITIES



ତା. ୧୨.୧.୨୧ରେ ଚଳିତ ବର୍ଷର ରଥଯାତ୍ରା ନିମନ୍ତେ ରଥ କାଠ କଟାଯିବା ପାଇଁ ନୟାଗଡ଼ ଜିଲ୍ଲାର ବଡ଼ମୂଳ ନିକଟସ୍ଥ ମା' ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଉଛି ।

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

***Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100***

***E-mail : Jagannath.or@nic.in * Web Site : www.shreejagannatha.in***

***Printed at : Rama Press, North Gate, Puri, Mob. : 94370-22145***

ମୂଲ୍ୟ : ଦୁଇଟଙ୍କା ମାତ୍ର